# ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

## ଦରଖାସ୍ତ ଆହ୍ୱାନ

ବିଜ୍ଞପ୍ତି ସଂଖ୍ୟା. 5573 ତା. 04-12-2025

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆ ଓ ବରଗଡ଼ ଆର.ଏମ.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା.୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦(ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ । ଇଚ୍ଛୁକ ବ୍ୟକ୍ତି ମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉପଲବଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧମରେ ଆବଣ୍ଟିତ ହେବ । ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.00 ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website-http://bargarh.odisha.gov.in ରେ ମଧ ଉପଲବ୍ଧ ହେବ ।

04.12.25

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

# ସର୍ତ୍ତାବଳୀ

## ଧନୁଯାତ୍ରାରେ ଆମୋଦ ପ୍ରମୋଦ / ଖାଦ୍ୟ ସାମଗ୍ରୀ/ଅନ୍ୟାନ୍ୟ ସାମଗ୍ରୀ ବିକ୍ରୟ ନିମନ୍ତେ ଷ୍ଟଲ୍ ଏବଂ ପାର୍କିଂ ସ୍ଥାନ ପାଇଁ ସର୍ତ୍ତାବଳୀ :-

୧- ଆବେଦନକାରୀ ପାର୍କିଂ ପାଇଁ ଟ. ୪,୦୦୦/- ଓ ଅସ୍ଥାୟୀ କେବିନ ଦୋକାନ ତଥା ଖୋଲା ଜାଗା ପାଇଁ ଟ.୧୦୦/- (ଏକ ଶହ ଟଙ୍କା ମାତ୍ର) ଜମା କରିବେ ଯାହା ଫେରସ୍ତ ହେବନାହିଁ । ଉକ୍ତ ରସିଦକୁ ଆବେଦନ ଫର୍ମ ସହିତ ସଂଶ୍ଳିଷ୍ଟ କରିବେ ଏବଂ ପ୍ରତ୍ୟେକ ଜୋନ୍ ପାଇଁ ଅଲଗା ଫଇସଲା କରାଯିବ ।

୨- ଜର୍ଜ ହାଇସ୍କୁଲ ପଡିଆ ଓ ଆ.ଏମ.ସି. ଅଫିସ ପ୍ରାଙ୍ଗଣରେ ବିଭିନ୍ନ ଷ୍ଟଲ୍ ଯଥା ଦୋଲି /ଝୁଲା, ମୀନାବଜାର/ଛୋଟ ଦୋକାନ, ଟ୍ରେଡ ଫେୟାର, ଫୁଡ ଫେଷ୍ଟ, ଖାଦ୍ୟ ସାମଗ୍ରୀ ଠେଲା ଓ ଫୁଟପାଥ୍ ଦୋକାନ ନିମନ୍ତେ ଉଦ୍ଦିଷ୍ଟ ଖାଲି ଜାଗା ତଥା ନିର୍ଦ୍ଦିଷ୍ଟ ସାଇଜର ଦୋକାନ ସଂଖ୍ୟା ନିମ୍ନ ପ୍ରଦତ୍ତ ଟେବୁଲରେ ଉଲ୍ଲେଖ କରାଯାଇଅଛି । ଏହାର ଲେ-ଆଉଟ୍ ପ୍ଲାନ ଟେଣ୍ଡର କାଗଜାତ ସହ ଯୋଗାଇ ଦିଆଯିବ । (ସ୍ଥଳବିଶେଷରେ ପଡିଆରେ ବ୍ଲକ ଆବଣ୍ଟନ ସମୟରେ ସମୁଦାୟ ଦୋକାନ ସଂଖ୍ୟା ତଥା ସମଗ୍ର ଏରିଆରେ ୫ ପ୍ରତିଶତ ପର୍ଯ୍ୟନ୍ତ କମିଯାଇପାରେ)। ପ୍ରତିଟି ପ୍ରକାରର ଦୋକାନ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ/ କେବିନ ନିମନ୍ତେ ସର୍ବନିମ୍ନ ମୂଲ୍ୟ ନିମ୍ନ ସାରଣୀର ଉଲ୍ଲେଖ ରହିଛି ।

- ଲେ-ଆଉଟ୍ ପ୍ଲାନରେ ଦର୍ଶାଯାଇଥିବା ନକ୍ସା ଅନୁଯାୟୀ ମୀନାବଜାର, ଛୋଟ ଦୋକାନ, ଖାଦ୍ୟ ଦୋକାନ (ଫୁଡ୍ ଫେଷ୍ଟ) ଓ ଟ୍ରେଡ ଫେୟାରର ଷ୍ଟଲ ଗୁଡିକୁ ଗ୍ରହୀତାଙ୍କୁ ନିର୍ମାଣ ସରିଲାପରେ ତାହା ଦୋକାନୀ/ ଇଚ୍ଛୁକ ବ୍ୟବସାୟୀ ମାନଙ୍କୁ ହସ୍ତାନ୍ତର (ଆଲଟମେଣ୍ଟ) କରାଯିବ । ନିର୍ଦ୍ଦିଷ୍ଟ ବ୍ଲକମାନଙ୍କରେ ଉର୍ଦ୍ଦିଷ୍ଟ ଦୋକାନମାନଙ୍କର ସାମଗ୍ରିକ ଭାବରେ ସମାନ ଡିଜାଇନ୍ ଦ୍ୱାରା ପୂର୍ବ ପ୍ରସ୍ତୁତ ଦୋକାନ ନିର୍ମାଣ ନ ହେଲେ ଯାତ୍ରା ପଡିଆରେ ସୌନ୍ଦର୍ଯ୍ୟ ହାନି ହେଉଥିବାରୁ ଏହି ବର୍ଷ ପ୍ରଥମେ ଦୋକାନ ନିର୍ମାଣ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଅଛି ।
- ଗୋଟିଏ ଧାଡିରେ ଅବସ୍ଥିତ ଦୋକାନ ଗୁଡିକରେ ମାଲିକଙ୍କ ନାମ / Aadhar Card and License Lamination କରି ସମ୍ମୁଖରେ ଦୋକାନ ହସ୍ତାନ୍ତର ପରେ ଲଗାଇବେ ।
- ଗୋଟିଏ ଧାଡିରେ ଦୋକାନ ଗୁଡିକର ସମାନ ରଙ୍ଗର କପଡା କିମ୍ବା ଫ୍ଲେକ୍ସ ବ୍ୟବହାର କରିପାରିବେ ।
- ଆଲଟମେଣ୍ଟ ପରେ ଦୋକାନୀ ନିଜର ଆବଶ୍ୟକ ଅନୁଯାୟୀ ଭିତରର ସୌନ୍ଦର୍ଯ୍ୟ କରଣ (Internal Decoration)କରିପାରିବେ ।
- ଲେ-ଆଉଟ ପ୍ଲାନରେ ଦର୍ଶାଯାଇଥିବା ନକ୍ସା ଅନୁଯାୟୀ ସମସ୍ତ ଦୋକାନର ନମ୍ବର କୁ ଉକ୍ତ ଦୋକାନ ଉପରେ ଲଗାଯିବ ।
- ଜଣେ ଦୋକାନୀ ଚାହିଁଲେ ଏକାଧିକ ଯଥା ୫ ଟି ଲାଗିଲାଗି ଦୋକାନ ଏକକାଳୀନ ନେଇପାରିବେ ମାତ୍ର ସମସ୍ତ ଦୋକାନର ନମ୍ବର ପୂର୍ବଭଳି ପରିବର୍ତ୍ତନ କରାନଯାଇ ଦୋକାନ ଉପରେ ଲଗାଯିବ । (ଉଦାହରଣ ସ୍ୱରୂପ ଜଣେ ଦୋକାନୀ ଯଦି ଉଭୟ ୬୧ ଓ ୬୨ ନମ୍ବର ଦୋକାନ ନେଲେ ତେବେ ତାଙ୍କର ଏକତ୍ରିତ ଦୋକାନ ଉପରେ ୬୧ ଓ ୬୨ ନମ୍ବର ଲେଖାଯିବ )

- ସମସ୍ତ ବିଦ୍ୟୁତ ଚାଲିତ ଛୋଟଦୋଳିର ସର୍ବାଧିକ ଗ୍ରାହକ ପିଛା ମୂଲ୍ୟ ଟ ୩୦ଙ୍କାରୁ ଅଧିକ ହେବ ନାହିଁ ।
- ଛୋଟ ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟୁତ୍ ଦ୍ୱାରା ଚାଲୁନଥିବା ଛୋଟ ଦୋଳିର ଗ୍ରାହକ ପିଛା ମୂଲ୍ୟ ଟ୨୦ଙ୍କା ରୁ ଅଧିକ ହେବ ନାହିଁ ।
- ପ୍ରତ୍ୟେକ ଦୋଳି ୧୦ ରାଉଣ୍ଡ ରୁ କମ୍ ହୋଇପାରିବ ନାହିଁ ।
- ୧୦ ରାଉଣ୍ଡ ପିଛା ଦୋଳିର ମୂଲ୍ୟ ଓଡ଼ିଆରେ ସମସ୍ତ ଦୋଳି ପାଖରେ ଦୃଶ୍ୟମାନ ହେବାଭଳି ଗ୍ରହିତାଙ୍କ ଦ୍ୱାରା ଉଲ୍ଲେଖ କରାଯିବ ।

୪- ପାର୍କିଂ ପ୍ଲେସ- ପାର୍କିଂ ସ୍ଥାନପାଇଁ ଆବେଦନକାରୀ ସର୍ବୋଚ୍ଚ ଡାକ ମୂଲ୍ୟ ଲେଖି ଟେଣ୍ଡର ପକାଇବେ ଏବଂ ଟେଣ୍ଡର ପକାଇଥିବା ମୂଲ୍ୟର ୨୦% ଅମାନତ ରାଶି (Earnest Money) ବ୍ୟାଙ୍କ ଡ୍ରାଫ୍ଟ କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ ।ଜମି ଆବଣ୍ଟନ ସୁପାରିସ କ୍ରମେ ସର୍ବୋଚ୍ଚ ଟେଣ୍ଡର ପାଇଥିବା ଆବେଦନକାରୀ ପାର୍କିଂ ପାଇଁ ନିମ୍ନ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଅସୁଲି କରିବେ । ଧାର୍ଯ୍ୟ ମୂଲ୍ୟ- ସାଇକଲ- ଟ୧୦ଙ୍କା, ଦୁଇ ଚକିଆ ଯାନ- ଟ୨୦ଙ୍କା, ତିନି ଚକିଆ ଯାନ- ଟ୩୦ଙ୍କା ଓ ଚାରି ଚକିଆ ଯାନ- ଟ୪୦ଙ୍କା ରୁ ଅଧିକ ଆଦାୟ କଲେ ସଂପୃକ୍ତ ଟେଣ୍ଡରଟି ଅମାନ୍ୟ ହୋଇ ଅନ୍ୟ ବ୍ୟକ୍ତିଙ୍କୁ ନିୟମାନୁସାରେ କମିଟିର ମଂଜୁର କ୍ରମେ ବଣ୍ଟନ କରାଯିବ ଓ ଖିଲାପକାରୀଙ୍କ କୌଣସି ଦାବି ଗ୍ରହଣ ହେବ ନାହିଁ ।

୫- ଟେଣ୍ଡର ବାବଦକୁ ଆବେଦନକାରୀ (Upset Price) ସର୍ବନିମ୍ନ ମୂଲ୍ୟ ର ୨୦% ଅମାନତ ରାଶି (Earnest Money) ବ୍ୟାଙ୍କ ଡ୍ରାଫ୍ଟ କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ । ବ୍ୟାଙ୍କ ଡ୍ରାଫ୍ଟ ଟି ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼ ଙ୍କ ନାମରେ କରିବେ, ଅନ୍ୟଥା ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୬- ଯଦି କୌଣସି ନିଲାମଧାରୀ ହୋଇଥାନ୍ତି ଏବଂ ସେ କୌଣସି କାରଣ ବଶତଃ ଚୂଡାନ୍ତ ନିଲାମୀ ରୁ ଓହରିଯାନ୍ତି ତାହା ହେଲେ ତାଙ୍କ ଦ୍ୱାରା ଜମାଥିବା EMD ୨୦% ଅମାନତ ରାଶି ବାଜ୍ୟାପ୍ତି ହେବ ଓ ତାଙ୍କ କୌଣସି ଦାବି ଗ୍ରହଣ ହେବ ନାହିଁ ।

୭- ଯଦି କୌଣସି ନିଲାମଧାରୀ Upset ମୂଲ୍ୟ ରୁ କମ୍ ଦରରେ ନିଲାମ କରିଥାନ୍ତି ତା' ହେଲେ ତାଙ୍କର ଟେଣ୍ଡର ପେପର କୁ ବିଚାର କୁ ନିଆଁଯିବ ନାହିଁ ଏବଂ EMD ରାଶି ବାଜ୍ୟାପ୍ତି ହେବ ଓ ତାଙ୍କ କୌଣସି ଦାବି ଗ୍ରହଣ ହେବ ନାହିଁ ।

୮- ଅସଫଳ ହୋଇଥିବା ନିଲାମଧାରୀଙ୍କ (EMD) ଟଙ୍କା ନିଲାମ ଖୋଲାଯିବାର ତା' ପରଦିନ ଫେରସ୍ତ କରାଯିବ ।

୯- ଦର୍ଶକମାନଙ୍କ ନିରାପତ୍ତା ନିମନ୍ତେ ଏବଂ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାରୁ ରକ୍ଷାକରିବା ନିମନ୍ତେ ନିମ୍ନ ଲିଖିତ ସର୍ତ୍ତ ପାଳନ କରିବାକୁ ବାଧ୍ୟ ଅଟନ୍ତି । ସର୍ତ୍ତ ପାଳନରେ ଖିଲାପ କଲେ ଜମି ବଣ୍ଟନ ତୁରନ୍ତ ରଦ୍ଦ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅଗ୍ନିକାଣ୍ଡ ସମ୍ବନ୍ଧୀୟ ଓ ବିଦ୍ୟୁତ୍ ସରବରାହରେ ସର୍ଟ ସର୍କିଟ୍ ଭଳି ଦୁର୍ଘଟଣା ଏଡାଇବା ପାଇଁ ବ୍ୟବସାୟୀମାନେ ଉଚ୍ଚମାନର ବିଦ୍ୟୁତ ତାର, କେବୁଲ, ବ୍ଲାକ୍ ଟେପ୍ ଏବଂ ଅନ୍ୟାନ୍ୟ ସରଞ୍ଜାମ ବ୍ୟବହାର କରିବେ । ଷ୍ଟଲ୍ ମାନଙ୍କରେ କୌଣସି ସିନ୍ଥେଟିକ୍ ସାମଗ୍ରୀ ବ୍ୟବହାର କରାଯାଇପାରିବ ନାହିଁ । ପ୍ରତ୍ୟେକ ଷ୍ଟଲରେ ଅଗ୍ନିନିରୋଧକ ବ୍ୟବସ୍ଥା, ଯଥା- ପାଣିବାଲ୍‌ଟି, ବାଲିପୂର୍ଣ୍ଣ ବାଲ୍‌ଟି ,ଅନ୍ୟୁନ୍ୟ ୪ ଗୋଟି ଏବଂ ପ୍ରତି ବ୍ଲକରେ ଏକ ଗୋଟି ଫାୟାର ଏକ୍ସଟିଙ୍ଗୁଇସର ରଖିବେ । କୌଣସି ପ୍ରକାର ଦୁର୍ଘଟଣା ପାଇଁ ଆବେଦନକାରୀ ନିଜେ ଦାୟୀ ରହିବେ ।

୧୦- ପ୍ରସ୍ତୁତି ଦୋକାନ ଘର ଓ ଖାଲି ଜାଗା ପାଇଁ Sq.ft. ଦର ଯେଉଁଠି ଲାଗୁ ହେବ , ସେମାନେ ଆବଶ୍ୟକ କରୁଥିବା ଦୋକାନ/ଖାଲି ଜାଗାର ପୂର୍ଣ୍ଣ ମୂଲ୍ୟ ଜମା କରି ରସିଦ ସହ ଫର୍ମରେ ଆବେଦନ କରିବେ , ନତୁବା ହେବାକୁ ଥିବା ଲଟେରୀ ରେ ଭାଗ ନେଇ ପାରିବେ ନାହିଁ ।

୧୧- ଟେଣ୍ଡର ପାଇଥିବା ସଂପୃକ୍ତ ବ୍ୟକ୍ତି ଯଦି ଆବଣ୍ଟିତ ଜାଗାକୁ ଉପଯୋଗ କରିପାରିବେ ନାହିଁ ତେବେ ସେଥିପାଇଁ କମିଟି ଦାୟୀ ରହିବ ନାହିଁ କିମ୍ବା ଜମା ଟଙ୍କା ଫେରସ୍ତ ହେବ ନାହିଁ ।

୧୨- ସମସ୍ତ ଖାଦ୍ୟ ଦୋକାନୀମାନେ ନିଜ ନିଜ ସ୍ଥଳରେ ଅଳିଆ ଆବର୍ଜନା ପକାଇବା ପାଇଁ ଏକ ବଡ଼ ଆକାରର ଡଷ୍ଟବିନ୍ ରଖିବେ ଏବଂ ଅଯୋଗ୍ୟ /ବାସିଖାଦ୍ୟ ନିଜ ଦୋକାନରେ ରଖିବେ ନାହିଁ । ଯଦି ବାସି ଖାଦ୍ୟ ବିକ୍ରି କରନ୍ତି,ଫୁଡ଼ ଇନ୍ସପେକ୍ଟରଙ୍କ ଦ୍ୱାରା ଦଣ୍ଡିତ ହେବେ । ଫୁଡ଼ ଇନ୍ସପେକ୍ଟର ପ୍ରତ୍ୟେକ ଦିନ ସମସ୍ତ ଖାଦ୍ୟ ଦୋକାନ ତନଖି କରି ଉପ-ଜିଲ୍ଲାପାଳ, ବରଗଡ଼ଙ୍କୁ ରିପୋର୍ଟ ଦେବେ ।

୧୩- ଟେଣ୍ଡରରେ ସର୍ବୋଚ୍ଚ ମୂଲ୍ୟ ଦେଇ ଡାକିଥିବା ବ୍ୟକ୍ତି ଉକ୍ତ ଦିନ ଯଥା ନିଲାମ ଦିବସରେ ନିଲାମର ୩୦ ମିନିଟ ମଧ୍ୟରେ ସମସ୍ତ ଅର୍ଥ ଜମା କରିବେ । ନଚେତ୍ ଟେଣ୍ଡର ରଦ୍ଦ କରାଯିବ ଏବଂ ଦାଖଲ କରିଥିବା ଜମାରାଶି (Earnest Money) ବାଜ୍ୟାପ୍ତି ହେବ ଏବଂ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟଧାରୀଙ୍କୁ କମିଟି ଦ୍ୱାରା ବିଚାରକୁ ନିଆଯାଇ ପାରେ ।

୧୪ - ଗତ ବର୍ଷର ବାକିଦାର (Defaulter) ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ (Representative) ବ୍ୟକ୍ତି ଏହି ବର୍ଷର ଟେଣ୍ଡରରେ ଭାଗ ନେଇପାରିବେ ନାହିଁ । ଯଦି ଏହା ଜଣାପଡ଼େ ତାଙ୍କର ଟେଣ୍ଡର ଟି ତୁରନ୍ତ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶି (Earnest Money) ମଧ୍ୟ ବାଜ୍ୟାପ୍ତି ହେବ ।

୧୫ - ଏଥି ନିମନ୍ତେ ଧନୁଯାତ୍ରା କମିଟି ଦ୍ୱାରା ପ୍ରସ୍ତୁତ ନୂତନ ନକ୍ସା ସଂଲଗ୍ନ କରାଯାଇଅଛି ।

୧୬ - ସମସ୍ତ ପ୍ରକାର ବିବାଦରେ କେବଳ ଜମିଆବଣ୍ଟନ କମିଟୀର ନିଷ୍ପତ୍ତି ଚୂଡ଼ାନ୍ତ ସର୍ବମାନ୍ୟ ହେବ । ସମସ୍ତ ଆଇନଗତ ମୋକଦ୍ଦମା ବରଗଡ଼ ଅଦାଲତରେ ହିଁ କେବଳ ବିଚାର ହେବ ।

୧୭ - ଲଟେରୀ ମାଧ୍ୟମରେ ପ୍ରାପ୍ତ ହେବାକୁ ଯାଉଥିବା ଯାଗାର ଲଟେରୀ ଉଠାଣ ର ୨୪ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ଜାଗାର ସଂପୂର୍ଣ୍ଣ ମୂଲ୍ୟର ରସିଦ ଜମାଦେଲା ପରେ କେବିନ ସଂଖ୍ୟା କିମ୍ବା ଖାଲିଜାଗା allotment ତା ପରଦିନ ଜଣାପଡିବ । ଯଦି ସଂପୂର୍ଣ୍ଣ ମୂଲ୍ୟ ଜମା ନ ହୁଏ ତେବେ ଫର୍ମଟି ନାକଚ ହେବ ଓ ସମସ୍ତ ଜମା ରାଶି ଫେରସ୍ତ ହେବନାହିଁ କିମ୍ବା କୌଣସି ଦାବି ଗ୍ରହଣ ହେବ ନାହିଁ ।

୧୮ - Option ହିସାବରେ କମିଟି ସଦସ୍ୟ କେଉଁ ସ୍ଥାନରେ ଯୋଗାଇବେ , ସେହି ସ୍ଥାନକୁ ଆବେଦନକାରୀ ଗ୍ରହଣ କରିବେ ଓ ଗ୍ରହଣ ଅମାନ୍ୟ କଲେ ଜମା ହୋଇଥିବା ରାଶି ଫେରସ୍ତ ହେବନାହିଁ ।

୧୯ - ଟ୍ରେଡଫେୟାର-୨ ଏବଂ ମୀନାବଜାର ପାଇଁ ଜଣେ ଲାଇସନ୍ସଧାରୀ ବ୍ୟକ୍ତି maximum 1000 sq.ft. ପାଇଁ ଆବେଦନ କରିପାରିବେ ।

୨୦- ଜଣେ ବ୍ୟକ୍ତି / ସଂସ୍ଥା ଗୋଟିଏ ରୁ ଅଧିକ ସ୍ଥାନ ପାଇଁ ଆବେଦନ କରିପାରିବେ ନାହିଁ ।

## ବିଶେଷ ଦ୍ରଷ୍ଟବ୍ୟ

**ଧନୁଯାତ୍ରାରେ ଭାଗ ନେଉଥିବା ବ୍ୟକ୍ତି ତାଙ୍କ ଦ୍ୱାରା ପ୍ରଦର୍ଶନ / ବିକ୍ରି ଉପରେ ଅନ୍ୟ ମାନଙ୍କ ପାଇଁ କୌଣସି ପାସ (PASS) ଦେଇ ପାରିବେ ନାହିଁ । ପରୋକ୍ଷରେ କିମ୍ବା ପ୍ରତକ୍ଷରେ ଜଣା ପଡିଲେ ତାଙ୍କୁ ମିଳିଥିବା ଜାଗା / ଦୋକାନ/ ଝୁଲା / ଦୋଳି ତଥା କୌଣସି ଆମୋଦ ପ୍ରମୋଦ ଇତ୍ୟାଦି ରଦ୍ଦ କରାଯାଇ ସପୃକ୍ତ ସ୍ଥାନରୁ ବହିସ୍କୃତ କରାଯିବ ଓ ତାଙ୍କ କୌଣସି ଦାବି ଗ୍ରହଣ ହେବନାହିଁ ।**

| Sl.No. | Details | Area in Sq.ft. | Price fixed | |
|---|---|---|---|---|
| | **GEORGE HIGH SCHOOL FIELD** | | | |
| 01 | 02 | 03 | 04 | 05 |
| 01. | (A) Food Fest-1 - Stall Excluding Road | 10X10 | ₹ 17,000/- | |
| | (B) Food Fest-1 (Open Space) Including Road | Per Sq.ft. | ₹ 100/- | |
| | (C) Food Fest -1 Thela (Open Space) | Per Sq.ft. | ₹ 50/- | |
| 02. | Jhula-1 (Open Space) Including Road | Per Sq.ft. | ₹ 100/- | |
| 03. | Jhula-2 (Open Space) Including Road | Per Sq.ft. | ₹ 100/- | |
| 04. | Trade Fair-1 stall Excluding Road | 10X10 | ₹ 25,000/- | |
| 05. | Trade Fair-2(Open Space) Including Road | Per Sq.ft. | ₹ 100/- | |
| 06. | Trade Fair-3(Open Space) Including Road | Per Sq.ft. | ₹ 100/- | |
| 07. | (a) Meena Bazar Stall (Excluding Road) | 10x10 | ₹ 25,000/- | |
| | (b) Meena Bazar (Open Space) Including Road | Per Sq.ft. | ₹ 100/- | |
| | **RMC OFFICE CAMPUS** | | | |
| 08. | Food Fest-1 Excluding Road | 10X10 | ₹ 9,000/- | |
| 09. | Food Fest-2 (Open Space) Including Road | Per Sq.ft. | ₹ 20/- | |
| 10. | Jhula-1 (Open Space) Including Road | Per Sq.ft. | ₹ 20/- | |
| 11. | Jhula-2 (Open Space) Including Road | Per Sq.ft. | ₹ 20/- | |
| 12. | Trade Fair-1 Excluding Road | 10X10 | ₹ 9,000/- | |
| 13. | Trade Fair-2(Open Space) Including Road | Per Sq.ft. | ₹ 20/- | |
| 14. | Meena Bazar (Open Space) Including Road | Per Sq.ft. | ₹ 20/- | |
| 15. | Foot Path Shop (Area to be specified) Including Road | Per Sq.ft. | ₹ 20/- | |


ଉକ୍ତ ସର୍ତ୍ତାବଳୀକୁ ଗ୍ରହଣ କଲି ।

ପୂର୍ଣ୍ଣ ସ୍ୱାକ୍ଷର ........................................


ତା. ..................................................

ପ୍ରଖର କୁମାର ପାଣ୍ଡେ
4.12.24

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼



WAY TO GEORGE HIGH SCHOOL
WAY TO BANDHUR TIKRA
MEENA BAJAR
CHULA
TRAD FAIR 2
TRADE FAIR 300 SHOP 1
FOOD FEST 39800
CHULA 2 45600
TRAP FAIR 3
MAHARAJA ENTRY
SBI GUALA PADA ENTRY


MAIN ROAD
WAY BRIDGE
OFFICE
DHAN
JHULA
RMC
OFFICE
ENTRY
ODMAS
STAGE